**ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତିର ଗନ୍ଧ!**

# ଉପାନ୍ତରେ ନିମ୍ନମାନର କାମ; ଭିଜିଲାନ୍ସ ତଦନ୍ତ ଦାବି

ବ୍ରହ୍ମପୁର,୧୩।୬(ସମିସ)

ଗଞ୍ଜାମ ଜିଲ୍ଲାର ଗ୍ରାମ୍ୟ ଉନ୍ନୟନ ବିଭାଗରେ ବ୍ୟାପକ ଅନିୟମିତତା ଓ ଦୁର୍ନିତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ନିକଟରେ ଲିଖିତ ଅଭିଯୋଗ ଦାଖଲ ହୋଇଥିବା ଜଣାପଡ଼ିଛି। ବିଭିନ୍ନ ଗ୍ରାମାଞ୍ଚଳରେ ନିର୍ମାଣ ହୋଇଥିବା ରାସ୍ତା ତଥା ବିକାଶମୂଳକ କାର୍ଯ୍ୟର ମାନ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ସରକାରୀ ଅର୍ଥର ଅପବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ, କେତେକ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁଁ ନିର୍ମାଣ କାର୍ଯ୍ୟରେ ନିୟମକୁ ଅଣଦେଖା କରାଯାଇଛି। ବିଶେଷକରି ପାତ୍ରପୁର ଓ ଚିକିଟି ବ୍ଲକରେ ଏଭଳି ଅନିୟମିତତା ଅଧିକ ମାତ୍ରାରେ ଘଟିଥିବା ଦାବି କରାଯାଇଛି। ସ୍ଥାନୀୟଅଞ୍ଚଳରେ ନିର୍ମିତ ଅନେକ ପ୍ରକଳ୍ପ କାମ ଆରମ୍ଭର କିଛି ଦିନ ମଧ୍ୟରେ କ୍ଷତିଗ୍ରସ୍ତ ହୋଇପଡ଼ିଥିବାରୁ ସରକାରୀ ଅର୍ଥର ସଠିକ୍ ବ୍ୟବହାର ନେଇ ପ୍ରଶ୍ନ ଉଠାଇଛନ୍ତି ଅଭିଯୋଗକାରୀ। ଏହି ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଜାଣିବା ପାଇଁ ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ କରାଯିବାକୁ ଅଭିଯୋଗକାରୀ ଦୃଢ଼ ଦାବି କରିଛନ୍ତି। ଦୋଷୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବା ସହ ସମ୍ପୃକ୍ତ ପ୍ରକଳ୍ପ ଗୁଡ଼ିକର ସ୍ୱତନ୍ତ୍ର ଅଡିଟ୍ କରାଯିବାକୁ ମଧ୍ୟ ଦାବି ହୋଇଛି। ତେବେ ଭିଜିଲାନ୍ସ ପାଖରେ ପ୍ରଦାନ ଦାବିପତ୍ରରେ ଦର୍ଶାଇଯାଇଛି ଯେ, ପାତ୍ରପୁର ଏବଂ ଚିକିଟି ବ୍ଲକ ଅଞ୍ଚଳରେ ବ୍ରହ୍ମପୁର ଗ୍ରାମ୍ୟ ଉନ୍ନୟନ ବିଭାଗର କିଛି ଅଧିକାରୀ ଏବଂ ସ୍ଥାନୀୟ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବହୁ ମାତ୍ରାରେ ଆର୍ଥିକ ଦୁର୍ନୀତି ଏବଂ ଅତି ନିମ୍ନମାନର ଜନକଲ୍ୟାଣକାରୀ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଏ ବିଷୟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗ ସମ୍ପୂର୍ଣ୍ଣ ନୀରବ ରହିଛି।

ଏହି ଅଞ୍ଚଳରେ ନୂତନ ଭାବେ ନିର୍ମିତ ଏବଂ ମରାମତି ହୋଇଥିବା ରାସ୍ତାଗୁଡ଼ିକର ସ୍ଥିତି ଅତ୍ୟନ୍ତ ଦୟନୀୟ। ରାସ୍ତାର ପିଚୁସ୍ତର ଏତେ ଦୁର୍ବଳ ଯେ ତାହା ହାତରେ ଟାଣିଲେ ସହଜରେ ଉଠିଯାଉଛି। କାମ ସମୟରେ କୌଣସି ରୋଲର କିମ୍ବା ଭାରି ଯନ୍ତ୍ରପାତି ବ୍ୟବହାର ନକରି ସମ୍ପୂର୍ଣ୍ଣ ବେଆଇନ ଭାବେ କେବଳ ଶ୍ରମିକମାନଙ୍କ ଦ୍ୱାରା ହାତରେ ମରାମତି କାମ କରାଯାଉଥିବା ଅଭିଯୋଗ ହୋଇଛି। ଏଥିସହିତ, ସ୍ୱଚ୍ଛତାକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଛି। କୌଣସି ବି ପ୍ରକଳ୍ପ ସ୍ଥାନରେ ସରକାରୀ ସୂଚନା ଫଳକ ଲଗାନଯିବା ଚିନ୍ତାର ବିଷୟ ବୋଲି ଅଭିଯୋଗରେ କୁହାଯାଇଛି। ତାଡ଼କାସାହିରୁ ମାଡୁଆଗୁମ୍ମା, ଅଙ୍କୁଲିରୁ ଧୋବାଲିଙ୍ଗି, ତାଡ଼କାସାହିରୁ କରଡାବାଡ଼, ଧୋବାଲିଙ୍ଗିରୁ ଗଡ଼ଙ୍ଗ, ସୁବର୍ଣ୍ଣପୁରରୁ ମଦନପୁର, ପାତ୍ରପୁରରୁ ଭୀମପୁର, ରାଙ୍କୁଡ଼ାରୁ ସୁନାଖଳା, ଖମ୍ବାରୀଗାଁରୁ ବରଙ୍ଗ, ସାମନ୍ତିଆପଲ୍ଲୀରୁ ଖଣ୍ଡିଦେଉଳି, ଖମ୍ବାରୀଗାଁ ପଥର କୁଆଁରୀରୁ ପୀତାମ୍ବରପୁର, ଜୟନ୍ତୀପୁରରୁ ଚିଡ଼ିପୁଡ଼ି, ବାଦପୁରରୁ ସୁନାଖଳା, ଆମ୍ବଗାଁ ଛକରୁ ବନସୋଲା ପର୍ଯ୍ୟନ୍ତ ନିମ୍ନମାନର ରାସ୍ତା କାମ ହୋଇଥିବା ଅଭିଯୋଗକାରୀ ସରୋଜ ପଣ୍ଡା କହିଛନ୍ତି। ସେହିଭଳି ଚିକିଟି ବ୍ଲକ ଅଧୀନରେ ଥିବା ପିତାତଳିରୁ ଦେଉଳିମାଦ୍ରି, ମୈଷାନପୁର ଛକରୁ ଭୀମପୁର, ଡାଳପଲଙ୍କରୁ କୃଟଲିଙ୍ଗୀ ଆଦି କାର୍ଯ୍ୟରେ ମଧ ବ୍ୟାପକ ଅନିୟମିତତା ଥିବା ସେ କହିଛନ୍ତି। କାମରେ ପ୍ରତିବାଦ କଲେ ମିଥ୍ୟା କେସ୍‌ରେ ଫସା ଦିଆଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। କେବଳ ଗ୍ରାମ୍ୟ ଉନ୍ନୟନ ନୁହେଁ ଇରିଗେସନ ବିଭାଗର କାର୍ଯ୍ୟରେ ମଧ ସ୍ୱଛତା ନଥିବା ଅଭିଯୋଗ ହୋଇଛି। ଜୟନ୍ତୀପୁର କେନାଲ ରାସ୍ତା କାମରେ ମଧ ଅତି ନିମ୍ନମାନର କାର୍ଯ୍ୟ ହୋଇଛି। ଏଠାରେ ସରକାରୀ ଅର୍ଥର ବ୍ୟାପକ ହରିଲୁଟ୍ କରାଯାଇଛି। ନିମ୍ନମାନର ସାମଗ୍ରୀ ବ୍ୟବହାର ଯୋଗୁଁ ଉକ୍ତ କେନାଲ ରାସ୍ତାଟି ନିର୍ମାଣ ହେବା ମାତ୍ରେ ହିଁ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ବସିଲାଣି ବୋଲି ଅଭିଯୋଗକାରୀ କହିଛନ୍ତି। ଏଣୁ ଉପରୋକ୍ତ ସମସ୍ତ କାର୍ଯ୍ୟଗୁଡ଼ିକର ଏକ ସ୍ୱାଧୀନ ବୈଷୟିକ ଏବଂ ଆର୍ଥିକ ଅଡିଟ୍ କରିବାକୁ ଦାବି ହୋଇଛି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କ ସହ ଆଲୋଚନା ବେଳେ ସେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ଦିଗପହଣ୍ଡି କୋର୍ଟରେ ଆଇନ ସଚେତନତା ସଭା




**ଦିଗପହଣ୍ଡି, ୧୨।୬(ସମିସ):** ଦିଗପହଣ୍ଡି ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ବୃଦ୍ଧ ମାତା ପିତା ଓ ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ଭରଣ ପୋଷଣ ଏବଂ ସେମାନଙ୍କ ପାଇଁ ସୁରକ୍ଷା ଆଇନ ସମ୍ପର୍କରେ ଏକ ସଚେତନତା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି କୋର୍ଟ ପରିସରରେ ଅନୁଷ୍ଠିତ ସଭାରେ କମିଟି ଅଧ୍ୟକ୍ଷା ତଥା ବରିଷ୍ଠ ଦେୱାନୀ ବିଚାରପତି ମହାଶ୍ୱେତା ପରିଜା ଅଧ୍ୟକ୍ଷତା କରିଥିଲେ। ଖେମୁଣ୍ଡି ଓକିଲ ସଂଘର ସମ୍ପାଦକ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପୂର୍ବତନ ସଭାପତି ହରପ୍ରସାଦ ରଥ, ପୂର୍ବତନ ସମ୍ପାଦକ କୁରେଶୁ ପଣ୍ଡା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଡ଼. ଯୁଧିଷ୍ଠିର ସ୍ୱାଇଁ, ସମ୍ପାଦକ କେ. ନାଗେଶ୍ୱର ରାଓ ବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ବୃଦ୍ଧ ମାତାପିତା ଏବଂ ବରିଷ୍ଠ ନାଗରିକଙ୍କ ସମ୍ମାନର ସହ ବଞ୍ଚିବାର ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରାଇବା ପାଇଁ ପ୍ରଣୟନ କରାଯାଇଥିବା ବିଭିନ୍ନ ଆଇନ, ସନ୍ତାନ ସନ୍ତତିଙ୍କ ନୈତିକ କର୍ତ୍ତବ୍ୟ ଓ ପୋଲିସ ପ୍ରଶାସନିକ ଅଧିକାରୀ ମାନଙ୍କ ଦାୟିତ୍ୱ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।କମିଟି ସମ୍ପାଦକ ତଥା କୋର୍ଟ କର୍ମଚାରୀ ପ୍ରଦୀପ କୁମାର ପୁରୋହିତ, ସଂଗ୍ରାମ କେଶରୀ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ବହୁ ସଂଖ୍ୟକ ଆଇନଜୀବୀ, ଅବସରପ୍ରାପ୍ତ କର୍ମଚାରୀ ବୃନ୍ଦ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ଧକ୍କା ଦେଇ ବାଇକ୍‌ଚାଳକ ଗୁରୁତର

**ବୁଗୁଡ଼ା,୧୩।୬(ସମିସ):** ବୁଗୁଡ଼ା ବ୍ଲକର ଏକଡାଳ ଗ୍ରାମ ମୁଖ୍ୟ ସଡ଼କରେ ଜନୈକା କଲେଜ ଛାତ୍ରୀଙ୍କୁ ଧକ୍କା ଦେଇ ମଦ୍ୟପ ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଗୁରୁତର ବାଇକ୍ ଚାଳକ ଜଣକ ହେଲେ ବୁଗୁଡା ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର ଟୁକୁନା ନାଇକ (୩୮)। ପ୍ରକାଶ ଯେ, ଶନିବାର ସକାଳେ କଲେଜ ଛାତ୍ରୀ ଜଣକ ଘରକୁ ପାଣି ନେଉଥିବା ବେଳେ ଦ୍ରୁତଗତିରେ ଆସି ଟୁକୁନାର ବାଇକ୍(ନଂ-ଓଆର-୦୭ଏସ୍ - ୦୨୪୨) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ପାଣି ଆଣୁଥବା ଛାତ୍ରୀ ଜଣକ ରାସ୍ତାକଡସ୍ଥ ଏକ ବାଲିଗଦାରେ ଫୋପାଡି ହୋଇ ପଡିଥିଲେ ଏବଂ ବାଇକ ଚାଳକ ପିଚୁରାସ୍ତା ଉପରେ କଚାଡି ହୋଇ ପଡିଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ଏବଂ ଆମ୍ବୁଲାନ୍ସ ପହଞ୍ଚିଥିଲା ଏବଂ ସେଠାରୁ ଉଭୟ ଆହତଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ଦୁର୍ଘଟଣାରେ କଲେଜ ଛାତ୍ରୀଙ୍କ ଡାହାଣ ହାତ ଏବଂ ଅଣ୍ଟାରେ ଆଘାତ ଲାଗିଥିଲା ବେଳେ ବାଇକ ଚାଳକଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିଲା। ମେଡିକାଲରେ ଦୁହିଁଙ୍କ ପ୍ରାଥମିକ ଉପଚାର ପରେ ଗୁରୁତର ଅବସ୍ଥାରେ ଥିବା ଟୁକୁନାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା।

**ପେଟ୍ରୋଲ ପମ୍ପରେ ପ୍ଲାଷ୍ଟିକ ବ୍ୟାରେଲରେ ଡିଜେଲ ଦେବା କଟକଣା**

## ବ୍ୟାରେଲ୍ ଧରି ପେଟ୍ରୋଲ ପମ୍ପ ଆଗରେ ଚାଷୀଙ୍କ ହୋହାଲ୍ଲା



**ଖଲ୍ଲିକୋଟ,୧୩।୬(ସମିସ):** ଭାରତ ସରକାରଙ୍କ ତୈଳ ମନ୍ତ୍ରାଳୟ ଦ୍ୱାରା ଜାରି ହୋଇଥିବା ନୂଆ ନିୟମ ଅନୁଯାୟୀ ପ୍ଲାଷ୍ଟିକ ଜାର, ବୋତଲ ଓ ବ୍ୟାରେଲରେ ତେଲ ଦିଆଯିବ ନାହିଁ,ଯାହାର ପ୍ରଭାବ ସିଧାସଳଖ ଚାଷୀଙ୍କ ଚାଷ ଜମି ଉପରେ ପଡିଛି ବୋଲି ଅଭିଯୋଗ କରିଛନ୍ତି ଟ୍ରାକ୍ଟର ମାଲିକ ଓ କେତେକ ଚାଷୀ।ବର୍ତ୍ତମାନ ଖରିଫ୍ ଋତୁରେ ଚାଷୀ ଚାଷ ଆରମ୍ଭ କରିବା ସମୟରେ ହେକ୍ଟର ହେକ୍ଟର ଜମିକୁ ଟ୍ରାକ୍ଟର ଦ୍ୱାରା ଚାଷ କରାଯିବା ଓ ଚାଷ ଜମିରେ ପେଟ୍ରୋଲ, ଡିଜେଲ ପାଣି ପମ୍ପ ସେଟ ଚଳାଇବା ବେଳେ ଓ ଟ୍ରାକ୍ଟରକୁ ଦିନକୁ ୫୦ ଲିଟରରୁ ଅଧିକ ଡିଜେଲ ଆବଶ୍ୟକ ହୋଇଥାଏ। ଏଭଳି ସ୍ଥିତିରେ ସରକାରୀ ନିୟମ ଅନୁଯାୟୀ ପ୍ଲାଷ୍ଟିକ ଜାରରେ ତେଲ ଦିଆ ନ ଯିବା ଏକ ବଡ ସମସ୍ୟା ସୃଷ୍ଟି କରିଛି ବୋଲି ଅଭିଯୋଗ କରିଛନ୍ତି ଚାଷୀ।ନିୟମ ଅନୁଯାଇ ଲୁହା ଟିଣ ଜାର ଓ ବ୍ୟାରେଲରେ ତେଲ ଦିଆଯିବା ଓ ଏହି ଅନୁମୋଦିତ ଟିଣ ଜାରରେ ମାତ୍ର ୨୦ ଲିଟର ତେଲ ଧାରଣ କ୍ଷମତା ରହିଥିବା ବେଳେ ଗୋଟିଏ ଚାଷୀ ନିଜ ଜମିରୁ କେତେଥର ଆସିଲେ ତାର ଆବଶ୍ୟକ ପୁରା ହେବ ବୋଲି ସେମାନେ କହିଛନ୍ତି। ଏହି ପରିସ୍ଥିତିରେ ଖଲ୍ଲିକୋଟ୍ ଅଞ୍ଚଳ କିଛି ଚାଷୀ ଓ ଟ୍ରାକ୍ଟର ମାଲିକ କେଶପୁର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ନାରାୟଣୀ ପେଟ୍ରୋଲ ପମ୍ପ ନିକଟରେ ଧାରଣା ଦେବା ସହ ତେଲ ନେବା ପାଇଁ ହୋହାଲ୍ଲା କରିଥିଲେ। ପରେ ଏହି ପମ୍ପର ପରିଚାଳକ ଆସି ପୁଲିସକୁ ଜଣାଇବା ସହିତ ଉତ୍ୟକ୍ତ ଚାଷୀ ଙ୍କୁ ବୁଝାସୁଝା କରିଥିଲେ। ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

● ଛତ୍ରପୁର ପୌରପରିଷଦର ଅଧ୍ୟକ୍ଷାଙ୍କ ବିୟୋଗ

## ଘରେ ପହଞ୍ଚି ପରିବାର ବର୍ଗକୁ ଭେଟିଲେ ମନ୍ତ୍ରୀ



**ଛତ୍ରପୁର ୧୩।୬(ସମିସ):** ଗତ ବୁଧବାର ଛତ୍ରପୁର ପୌର ପରିଷଦର ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଅକାଳ ରେ ବିୟୋଗ ଘଟିଥିଲା। ଏ ନେଇ ଛତ୍ରପୁର ଓ ଆଖପାଖ ଅଂଚଳରେ ଶୋକ ଛାୟା ଖେଳିଯାଇଥିଲା। ଶନିବାର ସ୍ୱର୍ଗତ ଅଧ୍ୟକ୍ଷାଙ୍କ ଛତ୍ରପୁର ଚର୍ଚ୍ଚ ରୋଡ୍ ସ୍ଥିତ ବାସଭବନରେ ଓଡିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପହଞ୍ଚି ଶୋକାକୁଳ ପରିବାରବର୍ଗଙ୍କୁ ଭେଟି ସମ ବେଦନା ଜଣାଇଛନ୍ତି। ଏହା ସହିତ ବାସଭବନରେ ଥିବା ସ୍ୱର୍ଗତ ଅଧ୍ୟକ୍ଷାଙ୍କ ଫୋଟଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ସହିତ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଅଧ୍ୟକ୍ଷାଙ୍କ ସ୍ୱାମୀ ବଜେପି ଯୁବ ନେତା କେ. ଚନ୍ଦ୍ର ଶେଖର ରେଡ୍ଡୀଙ୍କୁ ଭେଟି ସମ ବେଦନା ଜଣାଇଥିଲେ।

## ଫଟୋଗ୍ରାଫର୍ ପ୍ରଦୀପଙ୍କ ସ୍ମୃତିରେ ରକ୍ତଦାନ ଶିବିର



**ଦିଗପହଣ୍ଡି,୧୩।୬(ସମିସ):** ଦିଗପହଣ୍ଡିର ଜଣାଶୁଣା ଫଟୋ ଓ ଭିଡ଼ିଓ ଗ୍ରାଫର ଓଡ଼ି. ପ୍ରଦୀପ କୁମାର (ଟିକି)ଙ୍କ ଦ୍ୱାଦଶାହ ସ୍ମୃତି ଅବସରରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଖେମୁଣ୍ଡି ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ପକ୍ଷରୁ ଏନଏସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ଏନଏସି କର୍ମଚାରୀ କାହ୍ନା ବେହେରା ପ୍ରଥମେ ରକ୍ତଦାନ କରି ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପରେ ସ୍ୱର୍ଗତ ପ୍ରଦୀପଙ୍କ ପରିବାର ପକ୍ଷରୁ ତାଙ୍କ ଏକମାତ୍ର ପୁଅ ଓଡ଼ି. ଉମାଶଙ୍କର, ଭାଇ ଓଡ଼ି. ପ୍ରମୋଦ କୁମାର, ଓଡ଼ି. ଅରବିନ୍ଦ, ଓଡ଼ି.ପିଙ୍କିଙ୍କ ସମେତ ପି. ସୁମନ କୁମାର, ସମାଜସେବୀ ଅଳକନାଥ ମିଶ୍ର, ସୌମ୍ୟ ରଞ୍ଜନ ମିଶ୍ର, ଅମରଦୀପ ପଣ୍ଡା, ସୁଶାନ୍ତ କୁମାର ସାହୁ, ଶିବାଶିଷ ପଣ୍ଡା, ମୋନାଶିଷ ପ୍ରଧାନ ଏବଂ ବହୁ ସଂଖ୍ୟକ ଫଟୋଗ୍ରାଫର ରକ୍ତଦାନ କରିଥିଲେ। ଶିବିରରେ ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପାଧ୍ୟକ୍ଷା ପ୍ରତିନିଧି କେ. କୁନା, କାଉନସିଲର ଦୀପକ ମିଶ୍ର, ସୁଶାନ୍ତ ପାତ୍ର, ନୀଳମାଧବ ଗୌଡ଼, କାଉନସିଲର ପ୍ରତିନିଧି ରମେଶ ଚନ୍ଦ୍ର ଜେନା, ରଞ୍ଜିତ ବେହେରା, ରକ୍ତଦାତା ସଂଘ ସଭାପତି ଭି. ଧର୍ମ ରାଜୁ, ସମ୍ପାଦକ ହରପ୍ରସାଦ ରଥ, ପ୍ରାକ୍ତନ ସଭାପତି ତପନ କୁମାର ମିଶ୍ର, ସମାଜସେବୀ ବସନ୍ତ କୁମାର ପଟ୍ଟନାୟକ, ଭି. ଶ୍ୟାମ ସୁନ୍ଦର ରାଜୁ, ଲଲାଟେନ୍ଦୁ ପଧାନ, ଆଇନଜୀବି ଲକ୍ଷ୍ମୀ ନାରାୟଣ ପାଢ଼ୀ, ମନୋରଞ୍ଜନ ପଣ୍ଡା, ସାମ୍ବାଦିକ ନୀଳମାଧବ ପରମଗୁରୁ, ରବୀନ୍ଦ୍ର ନାଥ ଡାକୁଆ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାର କର୍ମଚାରୀ ଶିବିର ପରିଚାଳନା କରିଥିବା ବେଳେ ଯୁବ ସମାଜସେବୀ ଶ୍ରୀଧର ମେକାପ ଓ ଏନଏସି କର୍ମଚାରୀ ବୃନ୍ଦ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସରକାର ଦୁଇବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

**ଛତ୍ରପୁର,୧୩।୬(ସମିସ):** ଓଡିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଓଡିଶା ସାରା ବିକାଶର ଧାରାର ଗଞ୍ଜାମ ଜିଲ୍ଲାସ୍ତରୀୟ ବିକାଶର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଭାସନ, ଗଞ୍ଜାମ ଏସପି ହରିସା ବିସି, ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ସମୀର କୁମାର ଜେନା ଯୋଗ ଦେଇ ଗଞ୍ଜାମ ଜିଲ୍ଲାବାସୀଙ୍କ ସୁବିଧା ଲାଗି କରାଯାଇଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ସମୀକ୍ଷା କରିଥିଲେ। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସ୍ୱାଗତ ଭାସନ ପ୍ରଦାନ କରିବା ସହିତ ଗଞ୍ଜାମ ଜିଲ୍ଲାବାସୀଙ୍କ ହିତ ପାଇଁ ର ୨୫ ଟି ମୁଦ୍ଦା ମଧ୍ୟରୁ ୧୭ ଟି କାର୍ଯ୍ୟକାରୀ ହୋଇଥିବା ମନ୍ତ୍ରୀ କହିଥିଲେ। ବାକି ଗୁଡିକ ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଆଯାଇଛି। ଏହି ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଓ ଦେବଦତ୍ତ ପଣ୍ଡା, ଡ଼ିଏଫଓ ସନ୍ନି ଖୋଖର, ଅଷ୍ଟମ ବାଟାଲିୟନ ର




ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ। ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଜିଲ୍ଲାରେ ହେବାକୁ ଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିବା ଗଞ୍ଜାମ ଡ୍ରିମକୁ ନେଇ ପ୍ରସ୍ତୁତ କରାଯାଇଥିବା ୨୫ ଟି ଭିଜନ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଏହାସହ ଗଞ୍ଜାମ ଜିଲ୍ଲାର ବିକାଶର ଧାରାକୁ ଆଗେଇ ନେବା ପାଇଁ ବିଭିନ୍ନ କ୍ଷେତ୍ରର ଲୋକଙ୍କ ସହିତ ଆଲୋଚନା କରାଯାଇଥିଲା। ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶୃତି କମାଣ୍ଡେଣ୍ଟ ସାରଦା ପ୍ରସାଦ ଦାସ, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଶିକ୍ଷାନବିଶ ଆଇଏଏସ ସୁଶ୍ରୀ ସାରନ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ପରେ ସନ୍ଧ୍ୟାରେ ଛତ୍ରପୁର ଷ୍ଟାଡିୟମ ରେ ଚାଲିଥିବା ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଆନ୍ୟକୂଲ୍ୟରେ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଉଦଘାଟନ କରିଥିଲେ।

## ଦିଗପହଣ୍ଡିରେ ଶିଶୁଶ୍ରମିକ ନିରୋଧ ଦିବସ




**ଦିଗପହଣ୍ଡି,୧୩।୬(ସମିସ):** ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶିଶୁଶ୍ରମିକ ନିରୋଧ ଦିବସ ପାଳନ ଅବସରରେ ଏକ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଦିଗପହଣ୍ଡି ଦେୱାନି ଅଦାଲତର ବରିଷ୍ଠ ବିଚାରପତି ମହାଶ୍ୱେତା ପରିଜା, ତହସିଲଦାର ସନ୍ତୋଷ କୁମାର ସାହୁ, ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ପରେଶ ଚନ୍ଦ୍ର ରଥ, ଏପିପି ସିମାଞ୍ଚଳ ପ୍ରଧାନ, ସନ୍ତୋଷ କୁମାର ସାହୁ ଏବଂ ଆଇନଜୀବି ମନୋରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧିକରଣ ସଦସ୍ୟ ଆଦିତ୍ୟ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଦିଗପହଣ୍ଡି କୋର୍ଟ କର୍ମଚାରୀ ପ୍ରଦୀପ କୁମାର ପୁରୋହିତ, ପୂର୍ଣ୍ଣ ଚନ୍ଦ୍ର ପାତ୍ର, କାଳିଆ ନାୟକଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଏଥିରେ ବହୁ ସଂଖ୍ୟକ ଶିକ୍ଷୟତ୍ରୀ, ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ, ବ୍ଲକ ଓ ରାଜସ୍ୱ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

■ ମା' କାଳୁଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## ବାଲିଘାଇ ଗ୍ରାମ କ୍ରିକେଟ ଟିମ୍ ଚାମ୍ପିଅନ



**ଦିଗପହଣ୍ଡି,୧୩।୬(ସମିସ):** ଦିଗପହଣ୍ଡି ବ୍ଲକ୍ କଇଠଖଣ୍ଡି ଗ୍ରାମ ଖେଳପଡିଆ ଠାରେ ଚାଲିଥିବା ମା' କାଳୁଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି । ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବାଲିଘାଇ ଗ୍ରାମ କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୧୧ ରନ୍ ହାସଲ କରିଥିବା ବେଳେ ବିପକ୍ଷ ପାଳଝାଡି ଗ୍ରାମ କ୍ରିକେଟ ଟିମ୍ ସମସ୍ତ ୱିକେଟ ହରାଇ ୧୦୨ ରନ୍ କରି ପରାଜିତ ହୋଇଥିଲା । ଟୁର୍ଣ୍ଣାମେଣ୍ଟ ଉଦଯାପନୀ ସମାରୋହରେ ଖମାରିଗାଁ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ କଇଠଖଣ୍ଡି ପଞ୍ଚାୟତର ପୂର୍ବତନ ସରପଞ୍ଚ କିର୍ତ୍ତୀଚନ୍ଦ୍ର ଗୌଡ, ସମିତି ସଭ୍ୟ ଭାବିନ୍ଦ୍ର ଗୌଡ , ସାମାଜିକ କର୍ମୀ ସନାତନ ଗୌଡ , ସଞ୍ଜୟ ପଣ୍ଡା , ଦୁର୍ଗାପ୍ରସାଦ ପଣ୍ଡା , ତାରିଣୀ ଚରଣ ପଣ୍ଡା , ନାଏବ ସରପଞ୍ଚ ଶରତ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଏବଂ ରନର୍ସ ଅପ୍ ଟିମ୍ ଖେଳାଳି ମାନଙ୍କୁ ପୁରସ୍କାର ସ୍ୱରୂପ ସିଲ୍ଡ,ଟ୍ରଫି ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟର ମ୍ୟାନ ଅଫ୍ ଦି ସିରିଜ୍ ଭାବେ ମନୋଜ ଦଳାଇ ଏବଂ ଫାଇନାଲ ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଉମାଶଙ୍କର ଗୌଡ ଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ସନାତନ ଗୌଡ ଓ ସୁଶୀଲ ସେଠୀ ଫାଇନାଲ ମ୍ୟାଚ ରେ ଆମ୍ପୟରିଂ କରିଥିବା ବେଳେ ରାଜେଶ ଗୌଡ, ସିଲୁ ଗୌଡ, କୈଳାସ ଚନ୍ଦ୍ର ସାହୁ, ପବିତ୍ର ସେଠୀ , ସୁଶୀଲ ସେଠୀ, ସଚିନ ଗୌଡ, ଦିଲିପ ବେହେରା, ପ୍ରତାପ ସେଠୀ, ହରପ୍ରସାଦ ସେଠୀଙ୍କ ସମେତ ଟୁର୍ଣ୍ଣାମେଣ୍ଟ ଆୟୋଜକ ମା' କାଳୁଆ କ୍ରିକେଟ କ୍ଲବର ସଦସ୍ୟ ବୃନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ପ୍ରତିଭା ସମ୍ମାନ ଉତ୍ସବରେ ୩୧୦ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ବେଲଗୁଣ୍ଠା, ୧୩।୬(ସମିସ)

ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗାଙ୍ଗପୁର ଶରତ ଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ୍ର ଖଣ୍ଡାୟତ କାଳଞ୍ଜୀ ସମାଜ କେନ୍ଦ୍ର ପରିଷଦ ପକ୍ଷରୁ ଏକ ଭବ୍ୟ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ପରିଷଦର ସଭାପତି ସନ୍ତୋଷ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଗୌରବମୟ ସମାରୋହରେ ଗଦେଇ ଜେନା ପ୍ରଭୁ ପ୍ରାର୍ଥନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସୋରଡା ବିଧାୟକ ନୀଳମଣି ବିଷୋୟୀ, ବିଶିଷ୍ଟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଡିଆରଡିଏ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ ଯୋଗଦେଇଥିଲେ। ଏହାସହ ମଞ୍ଚରେ ସମାଜର ସମ୍ପାଦକ ନୀଳାଚଳ ପୋଲେଇ, ଉପସଭାପତି ବୃନ୍ଦାବନ ଖଟେଇ, ମୁଖ୍ୟ ସଙ୍ଗଠକ ସତ୍ୟ ନାରାୟଣ ସ୍ୱାଇଁ ଏବଂ ସଙ୍ଗଠନ ସମ୍ପାଦକ ଅନ୍ତର୍ଯ୍ୟାମୀ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ବିଷୋୟୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆମ 'ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜ'ର ଇତିହାସ କେବଳ ସଂଘର୍ଷର ଇତିହାସ ନୁହେଁ, ବରଂ ଏହା ବୀରତ୍ୱ, ସ୍ୱାଭିମାନ, କୃଷି ଓ ଓଡ଼ିଶାର ମାଟି-ମାତୃକାର ସେବା ସହ ଜଡ଼ିତ ଏକ ଗୌରବମୟ ଇତିହାସ। ସମୟ ସହ ସମାଜର ଆବଶ୍ୟକତା ବଦଳିଥିବାରୁ ଆମ ପିଲାମାନେ ଶିକ୍ଷା କ୍ଷେତ୍ରରେ କିପରି ଆଗକୁ ବଢ଼ିବେ ସେଥିପାଇଁ ମିଳିତ ପ୍ରୟାସର ଜରୁରୀ ଆବଶ୍ୟକତା ରହିଛି। ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ ଦେଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ସମାଜର ପ୍ରଥମ କର୍ତ୍ତବ୍ୟ ବୋଲି ପ୍ରକାଶ କରିବା ସହ ସେ କୁଳ ଘର ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିବା ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଉମାକାନ୍ତ ନାହାକ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ।

ଏହି ସମାରୋହରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ସମାଜର ସଭ୍ୟ ଉପସ୍ଥିତ ଥିବା ବେଳେ ପ୍ରଥମେ ସମାଜ ତରଫରୁ ଅତିଥିମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ମେଧାବୀ ପ୍ରତିଭାଙ୍କୁ ଉପଢୌକନ, ମାନପତ୍ର ଓ ଉପହାର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏଥିରେ ଦଶମ ଶ୍ରେଣୀରେ ୮୦% ରୁ ଅଧିକ ନମ୍ବର ରଖିଥିବା ୧୩୭ ଜଣ ଏବଂ ଯୁକ୍ତ ଦୁଇ (+୨) ରେ ୭୦% ରୁ ଅଧିକ ନମ୍ବର ରଖିଥିବା ୧୭୩ ଜଣଙ୍କୁ ମିଶାଇ ମୋଟ ୩୧୦ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଭ୍ୟ ଜଗବନ୍ଧୁ ଜେନା, ପ୍ରଫୁଲ୍ଲ ମଲ୍ଲିକ, ସରୋଜ ପ୍ରଧାନ ଏବଂ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ଶେଷରେ ସମ୍ପାଦକ ନୀଳାଚଳ ପୋଲେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

